# .. ଶ୍ରୀମଦ୍ଭଗବଦ୍ଗୀତା ତୃତୀୟୋଽଧ୍ୟାୟଃ (କର୍ମଯୋଗଃ) ..

## ଅଥ ତୃତୀୟୋଽଧ୍ୟାୟଃ . କର୍ମଯୋଗଃ

ଅର୍ଜୁନ ଉବାଚ .

ଜ୍ୟାୟସୀ ଚେତ୍କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦନ .
ତତ୍କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ .. ୩-୧..

ଅର୍ଜୁନ ପଚାରିଲେ -- ହେ ଜନାର୍ଦ୍ଦନ! ଯଦି ଆପଣଙ୍କ ମତରେ କର୍ମ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ, ତେବେ ହେ କେଶବ! ମୋତେ କାହିଁକି ଭୟଙ୍କର କର୍ମରେ ଲଗାଉଛନ୍ତି? ||୩-୦୧||

Arjuna said: If You consider that transcendental knowledge is better than work then why do You want me to engage in this horrible war, O Krishna? (3.01)

ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ .
ତଦେକଂ ବଦ ନିଶ୍ଚିତ୍ୟ ୟେନ ଶ୍ରେୟୋଽହମାପ୍ନୁୟାମ୍ .. ୩-୨..

ଆପଣ ଗୋଳିଆମିଶାପରି ଲାଗୁଥିବା କଥାଦ୍ୱାରା ମୋର ବୁଦ୍ଧିକୁ, ଜାଣନ୍ତୁ, ମୋହିତପ୍ରାୟ କରିଦେଉଛନ୍ତି; ତେଣୁ ନିଶ୍ଚୟ କରି ଗୋଟିଏ କଥା କହନ୍ତୁ, ଯାହାଦ୍ୱାରା କି ମୁଁ କଲ୍ୟାଣ ପ୍ରାପ୍ତ ହେବି |୩-୦୨||

You seem to confuse my mind by apparently conflicting words. Tell me, decisively, one thing by which I may attain the Supreme. (3.02)

ଶ୍ରୀଭଗବାନୁବାଚ .

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ .
ଜ୍ଞାନୟୋଗେନ ସାଂଖ୍ୟାନାଂ କର୍ମୟୋଗେନ ୟୋଗିନାମ୍ .. ୩-୩..

ଶ୍ରୀ ଭଗବାନ୍ କହିଲେ -- ହେ ନିଷ୍ପାପ! ଏହି ଲୋକରେ ଦୁଇପ୍ରକାର ନିଷ୍ଠା ହୁଏ ବୋଲି ମୁଁ ଆଗରୁ କହିସାରିଛି | ତନ୍ମଧ୍ୟରୁ ସାଂଖ୍ୟଯୋଗୀମାନଙ୍କର ନିଷ୍ଠା ଜ୍ଞାନଯୋଗଦ୍ୱାରା ଏବଂ ଯୋଗୀମାନଙ୍କର ନିଷ୍ଠା କର୍ମଯୋଗଦ୍ୱାରା ହୋଇଥାଏ ||୩-୦୩||

The Supreme Lord said: In this world, O Arjuna, a twofold path of Sadhana (or the spiritual practice) has been stated by Me in the past. The path of Self-knowledge (or Jnana-yoga) for the contemplative, and the path of unselfish work (or Karma-yoga) for the active. (3.03)

## ନ କର୍ମଣାମନାରଂଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ .

## ନ ଚ ସଂନ୍ୟସନାଦେଵ ସିଦ୍ଧିଂ ସମଧିଗଚ୍ଛତି .. ୩-୪..

ମନୁଷ୍ୟ କର୍ମାଚରଣ ନ କରି ନିଷ୍କର୍ମତା ବା ଯୋଗନିଷ୍ଠା ପାଇପାରେ ନାହିଁ, କି କେବଳ କର୍ମ ତ୍ୟାଗ କରିଦେଇ ସିଦ୍ଧି ଅର୍ଥାତ୍ ସାଂଖ୍ୟନିଷ୍ଠା ପାଇପାରେ ନାହିଁ ||୩- ୪||

Jnana-yoga is also called Saamkhya-yoga, Samnyasa-yoga, and yoga of knowledge. A Jnana-yogi does not consider oneself the doer of any action, but only an instrument in the hands of divine for His use. The word Jnana means metaphysical or transcendental knowledge. One does not attain freedom from the bondage of Karma by merely abstaining from work. No one attains perfection by merely giving up work. (3.04)

## ନ ହି କଶ୍ଚିତ୍କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ .

## କାର୍ୟତେ ହ୍ୟଵଶଃ କର୍ମ ସର୍ଵଃ ପ୍ରକୃତିଜୈର୍ଗୁଣୈଃ .. ୩-୫..

ଏହା ନିଃସନ୍ଦେହ ଯେ, କୌଣସି ମନୁଷ୍ୟ କୌଣସି ସମୟରେ କ୍ଷଣେ ସୁଦ୍ଧା କର୍ମ ନ କରି ରହିପାରିବ ନାହିଁ | କାରଣ ସମସ୍ତ ପ୍ରାଣୀ ପ୍ରକୃତିରୁ ଉତ୍ପନ୍ନ ଗୁଣମାନଙ୍କ ଦ୍ଵାରା ପରବଶ  ହୋଇ କର୍ମ କରିବାକୁ ବାଧ୍ୟ ହୁଅନ୍ତି ||୩-୫||

Because no one can remain actionless even for a moment. Everyone is driven to action, helplessly indeed, by the Gunas of nature. (3.05)

## କର୍ମେଂଦ୍ରିୟାଣି ସଂୟମ୍ୟ ୟ ଆସ୍ତେ ମନସା ସ୍ମରନ୍ .

## ଇଂଦ୍ରିୟାର୍ଥାନ୍ଵିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ .. ୩-୬..

ଯେଉଁ ମୂଢବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ଉପରୁ ରୁଦ୍ଧ କରିଦେଇ ମନଦ୍ଵାରା ସେହି ଇନ୍ଦ୍ରିୟମାନଙ୍କର ବିଷୟକୁ ଚିନ୍ତନ କରୁଥାଏ, ସେ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କଥିତ ହୁଏ ||୩-୬||

The deluded ones, who restrain their organs of action but mentally dwell upon the sense enjoyment, are called hypocrites. (3.06)

## ୟସ୍ତ୍ଵିଂଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ .

## କର୍ମେଂଦ୍ରିୟୈଃ କର୍ମୟୋଗମସକ୍ତଃ ସ ଵିଶିଷ୍ୟତେ .. ୩-୭..

କିନ୍ତୁ ହେ ଅର୍ଜୁନ! ଯେଉଁ ପୁରୁଷ ମନଦ୍ଵାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ ସମସ୍ତ ଇନ୍ଦ୍ରିୟଦ୍ଵାରା କର୍ମଯୋଗ ଆଚରଣ କରନ୍ତି, ସେ ଶ୍ରେଷ୍ଠ ଅଟନ୍ତି||୩-୭||

The one who controls the senses by the (trained and purified) mind and intellect, and engages the organs of action to Nishkaama Karma-yoga, is superior, O Arjuna. (3.07)

## ନିୟତଂ କୁରୁ କର୍ମ ତ୍ଵଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ .

## ଶରୀରୟାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ .. ୩-୮..

ତୁମେ ଶାସ୍ତ୍ରବିହିତ କର୍ତ୍ତବ୍ୟକର୍ମ କର, କାରଣ କର୍ମ ନ କରିବାଠାରୁ କର୍ମ କରିବା ଶ୍ରେଷ୍ଠ, ତଥା କର୍ମ ନ କଲେ ତୁମର ଶରୀରନିର୍ବାହ ମଧ୍ୟ ସିଦ୍ଧ ହୋଇପାରିବ ନାହିଁ ||୩-୮||

Perform your obligatory duty, because action is indeed better than inaction. Even the maintenance of your body would not be possible by inaction. (3.08)

## ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବଂଧନଃ .

## ତଦର୍ଥଂ କର୍ମ କୌଂତେୟ ମୁକ୍ତସଂଗଃ ସମାଚର .. ୩-୯..

ଯଜ୍ଞପାଇଁ କରାଯାଉଥିବା  କର୍ମ ଛଡା ଅନ୍ୟ କର୍ମମାନଙ୍କରେ ଲାଗିରହିବା ଫଳରେ ହିଁ ଏହି ମନୁଷ୍ୟସମୁଦାୟ କର୍ମଦ୍ୱାରା ବାନ୍ଧି ହୁଅନ୍ତି| ତେଣୁ ହେ ଅର୍ଜୁନ! ତୁମେ ଆସକ୍ତିରହିତ ହୋଇ କବଳ ଯଜ୍ଞନିମିତ୍ତ ହିଁ ଭଲଭାବରେ କର୍ତ୍ତବ୍ୟକର୍ମ ଆଚରଣ  କର ||୩-୯||

Human beings are bound by Karma (or works) other than those done as Yajna. Therefore, O Arjuna, do your duty efficiently as a service or Seva to Me, free from attachment to the fruits of work. (3.09)

## ସହୟଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ .

## ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ .. ୩-୧୦..

ପ୍ରଜାପତି ବ୍ରହ୍ମା କଳ୍ପର ପ୍ରାରମ୍ଭରେ ଯଜ୍ଞସହିତ ପ୍ରଜାମାନଙ୍କୁ ରଚନା କରି ସେମାନଙ୍କୁ କହିଥିଲେ, 'ତୁମ୍ଭେମାନେ ଏହି ଯଜ୍ଞଦ୍ୱାରା ବୃଦ୍ଧିପ୍ରାପ୍ତ ହୁଅ ଏବଂ ଏହି ଯଜ୍ଞ ତୁମ୍ଭମାନଙ୍କର ବାଞ୍ଛିତଭୋଗପ୍ରଦାୟକ ହେଉ' ||୩-୧୦||

Yajna means sacrifice, selfless service, unselfish work, Seva, meritorious deeds, giving away something to others, and a religious rite in which oblation is offered to gods through the mouth of fire.
Brahmaa, the creator, in the beginning created human beings together with Yajna and said: By Yajna you shall prosper and Yajna shall fulfill all your desires. (3.10)

## ଦେବାନ୍ଭାବୟତାନେନ ତେ ଦେବା ଭାବୟଂତୁ ବଃ .

## ପରସ୍ପରଂ ଭାବୟଂତଃ ଶ୍ରେୟଃ ପରମବାପ୍ସ୍ୟଥ .. ୩-୧୧..

ତୁମ୍ଭମାନେ ଏହି ଯଜ୍ଞଦ୍ୱାରା ଦେବତାମାନଙ୍କୁ ଉନ୍ନତ କର ଏବଂ ସେହି ଦେବତାମାନେ ତୁମକୁ ଉନ୍ନତ କରନ୍ତୁ | ଏହିଭଳି ନିଃସ୍ୱାର୍ଥଭାବରେ ଏକ ଅନ୍ୟକୁ ଉନ୍ନତ କରିବାଦ୍ୱାରା ତୁମ୍ଭେମାନେ ପରମ କଲ୍ୟାଣ ପ୍ରାପ୍ତ ହୋଇଯିବ ||୩-୧୧||

Nourish the Devas with Yajna, and the Devas will nourish you. Thus nourishing one another you shall attain the Supreme goal. (3.11)

## ଇଷ୍ଟାନ୍ଭୋଗାନ୍ହି ବୋ ଦେବା ଦାସ୍ୟଂତେ ଯଜ୍ଞଭାବିତାଃ .

## ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଂକ୍ତେ ସ୍ତେନ ଏବ ସଃ .. ୩-୧୨..

ଯଜ୍ଞଦ୍ୱାରା ସଂବର୍ଦ୍ଧିତ ଦେବତାମାନେ ତୁମକୁ ବିନା ପ୍ରାର୍ଥନାରେ ବାଞ୍ଛିତ ଭୋଗ ନିଶୟ ପ୍ରଦାନ କରିଚାଲିବେ | ସେହି ଦେବତାମାନଙ୍କ ଦ୍ୱାରା ଏହିପରି ପ୍ରଦତ୍ତ ଭୋଗପଦାର୍ଥଗୁଡିକୁ ଯେଉଁ ମନୁଷ୍ୟ ସେମାନଙ୍କୁ ସମର୍ପଣ ନ କରି ସ୍ୱୟଂ ଭୋଗ କରେ, ସେ ଚୋର ହିଁ ଅଟେ ||୩-୧୨||

Deva means a deity, a demigod, a celestial person, the agent of God, one who fulfills desires and protects.
The Devas, nourished by Yajna, will give you the desired objects. One who enjoys the gift of the Devas without offering them (anything in return) is, indeed, a thief. (3.12)

**ୟଜ୍ଞଶିଷ୍ଟାଶିନଃ ସଂତୋ ମୁଚ୍ୟଂତେ ସର୍ଵକିଲ୍ବିଷୈଃ .**

**ଭୁଂଜତେ ତେ ତ୍ଵଘଂ ପାପା ୟେ ପଚଂତ୍ୟାତ୍ମକାରଣାତ୍ .. ୩-୧୩..**

ଯଜ୍ଞରୁ ବଳିଥିବା ଅନ୍ନକୁ ଭୋଜନ କରୁଥିବା ଶ୍ରେଷ୍ଠ ପୁରୁଷମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି ଏବଂ ଯେଉଁ ପାପୀଲୋକମାନେ ନିଜର ଶରୀରପୋଷଣପାଇଁ ଅନ୍ନ ରନ୍ଧନ କରନ୍ତି, ସେମାନେ ପାପ ହିଁ ଭୋଜନ କରନ୍ତି ||୩-୧୩|| The righteous who eat the remnants of the Yajna are freed from all sins, but the impious who cook food only for themselves (without sharing with others in charity) verily eat sin. (3.13)

**ଅନ୍ନାଦ୍ଭଵଂତି ଭୂତାନି ପର୍ଜନ୍ୟାଦନ୍ନସଂଭଵଃ .**

**ୟଜ୍ଞାଦ୍ଭଵତି ପର୍ଜନ୍ୟୋ ୟଜ୍ଞଃ କର୍ମସମୁଦ୍ଭଵଃ .. ୩-୧୪..**

**କର୍ମ ବ୍ରହ୍ମୋଦ୍ଭଵଂ ଵିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭଵମ୍ .**

**ତସ୍ମାତ୍ସର୍ଵଗତଂ ବ୍ରହ୍ମ ନିତ୍ୟଂ ୟଜ୍ଞେ ପ୍ରତିଷ୍ଠିତମ୍ .. ୩-୧୫..**

ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି; ଅନ୍ନର ଉତ୍ପତ୍ତି ବୃଷ୍ଟିରୁ ହୁଏ; ବୃଷ୍ଟି ଯଜ୍ଞରୁ ହୁଏ ଅବଂ ଯଜ୍ଞ ବିହିତ କର୍ମରୁ ଉତ୍ପନ୍ନ ହୁଏ | କର୍ମସମୁଦାୟ ବେଦରୁ ଉତ୍ପନ୍ନ ହୁଏ ଏବଂ ବେଦ ଅବିନାଶୀ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ହୁଅନ୍ତି ବୋଲି ଜାଣ | ତେଣୁ ସିଦ୍ଧ ହେଲା ଯେ, ସର୍ବବ୍ୟାପୀ ପରମ ଅକ୍ଷର ପରମାତ୍ମା ସଦାସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ||୩-୧୪,୩-୧୫|| The living beings are born from food, food is produced by rain, rain comes by performing Yajna. The Yajna is performed by doing Karma. (See also 4.32) (3.14) The Karma or duty is prescribed in the Vedas. The Vedas come from Brahman. Thus the all-pervading Brahman is ever present in Yajna or service. (3.15)

**ଏଵଂ ପ୍ରଵର୍ତିତଂ ଚକ୍ରଂ ନାନୁଵର୍ତୟତୀହ ୟଃ .**

**ଅଘାୟୁରିଂଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀଵତି .. ୩-୧୬..**

ହେ ପାର୍ଥ! ଯେଉଁ ପୁରୁଷ  ଏହି ଲୋକରେ ଏହିପ୍ରକାରେ ପରମ୍ପରାକ୍ରମେ ପ୍ରଚଳିତ ହୋଇ ଆସିଥିବା ସୃଷ୍ଟିଚକ୍ରର ଅନୁକୂଳ ହୋଇ ଚଳେ ନାହିଁ ଅର୍ଥାତ୍ ନିଜର କର୍ତ୍ତବ୍ୟ ପାଳନ କରେ ନାହିଁ, ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗରେ ରମଣ କରୁଥିବା ସେହି ପାପାୟୁ ପୁରୁଷ ବୃଥାରେ ଜୀବନ ଧାରଣ କରେ | ||୩-୧୬||

The one who does not help to keep the wheel of creation in motion by sacrificial duty, and who rejoices in sense pleasures, that sinful person lives in vain, O Arjuna. (3.16)

**ୟସ୍ତ୍ଵାତ୍ମରତିରେଵ ସ୍ୟାଦାତ୍ମତୃପ୍ତଶ୍ଚ ମାନଵଃ .**

**ଆତ୍ମନ୍ୟେଵ ଚ ସଂତୁଷ୍ଟସ୍ତସ୍ୟ କାର୍ୟଂ ନ ଵିଦ୍ୟତେ .. ୩-୧୭..**

କିନ୍ତୁ ଯେଉଁ ପୁରୁଷ ଆତ୍ମାରେ ରମଣ କରୁଥାଆନ୍ତି ଏବଂ ଆତ୍ମାରେ ତୃପ୍ତ ତଥା ଆତ୍ମାରେ ସନ୍ତୁଷ୍ଟ  ହୋଇ ରହିଥାନ୍ତି,ତାହାଙ୍କ ପାଇଁ କୌଣସି କର୍ତ୍ତବ୍ୟ ନାହିଁ ||୩-୧୭||

The one who rejoices in the Self only, who is satisfied with the Self, who is content in the Self alone, for such a (Self-realized)
person there is no duty. (3.17)

## ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ .

## ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ .. ୩-୧୮..

ସେହି ମହାପୁରୁଷଙ୍କର ଏହି ବିଶ୍ଵରେ କର୍ମ କରିବାରେ କୌଣସି ପ୍ରୟୋଜନ ରହେ ନାହିଁ କିମ୍ବା କର୍ମ ନ କରିବାରେ କୌଣସି ପ୍ରୟୋଜନ ରହେ ନାହିଁ ତଥା କୌଣସି ପ୍ରାଣୀ ସହିତ ମଧ ତାଙ୍କର କିଛି ବି ସ୍ଵାର୍ଥସମ୍ବନ୍ଧ ରହେ ନାହିଁ ||୩-୧୮|| Such a person has no interest, whatsoever, in what is done or what is not done. A Self-realized person does not depend on anybody (except God) for anything. (3.18)

## ତସ୍ମାଦସକ୍ତଃ ସତତଂ କାର୍ୟଂ କର୍ମ ସମାଚର .

## ଅସକ୍ତୋ ହ୍ୟାଚରଂକର୍ମ ପରମାପ୍ନୋତି ପୂରୁଷଃ .. ୩-୧୯..

ତେଣୁ ନିରନ୍ତର ଆଶକ୍ତିରହିତ ହୋଇ ନିଷ୍ଠାର ସହିତ କର୍ତ୍ତବ୍ୟକର୍ମ କର; କାରଣ ଆଶକ୍ତିରହିତ ହୋଇ କର୍ମ କରୁଥିବା ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯାଏ ||୩-୧୯||

Therefore, always perform your duty efficiently and without attachment to the results, because by doing work without attachment one attains the Supreme. (3.19)

## କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ .

## ଲୋକସଂଗ୍ରହମେବାପି ସଂପଶ୍ୟଂକର୍ତୁମର୍ହସି .. ୩-୨୦..

ଜନକାଦି ଜ୍ଞାନିମାନେ ମଧ ଆସକ୍ତିରହିତ କର୍ମଦ୍ଵାରା ହିଁ ପରମସିଦ୍ଧି ପ୍ରାପ୍ତ ହୋଇଥିଲେ | ସେଥିପାଇଁ ତଥା ଲୋକକଲ୍ୟାଣ ଦୃଷ୍ଟିରୁ ତୁମେ କର୍ମ କରିବା ହିଁ ଉଚିତ | ||୩-୨୦|| King Janaka and others attained perfection (or Self-realization) by Karma-yoga alone. You should perform your duty (with apathetic frame of mind) with a view to guide people and for the universal welfare (of the society). (3.20)

## ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ .

## ସ ଯତ୍ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତତେ .. ୩-୨୧..

ଶ୍ରେଷ୍ଠ ପୁରୁଷ ଯେଉଁ ଯେଉଁ ଆଚରଣ କରନ୍ତି, ଅନ୍ୟ ପୁରୁଷମାନେ ମଧ ସେହି ସେହି ଆଚରଣ କରନ୍ତି ଏବଂ ସେ ଯାହା କିଛି ପ୍ରମାଣ କରିଦିଅନ୍ତି, ସମସ୍ତ ମନୁଷ୍ୟ ତାହା ଅନୁକରଣ କରନ୍ତି | ||୩-୨୧|| Because, whatever noble persons do, others follow. Whatever standard they set up, the world follows. (3.21)

## ନ ମେ ପାର୍ଥାସ୍ତି କର୍ତବ୍ୟଂ ତ୍ରିଷୁ ଲୋକେଷୁ କିଂଚନ .

## ନାନବାପ୍ତମବାପ୍ତବ୍ୟଂ ବର୍ତ ଏବ ଚ କର୍ମଣି .. ୩-୨୨..

ହେ ଅର୍ଜୁନ! ତିନି ଲୋକରେ ମୋ ପାଇଁ କୌଣସି କର୍ତ୍ତବ୍ୟ ନାହିଁ, କୌଣସି ପ୍ରାପ୍ତିଯୋଗ୍ୟ ବସ୍ତୁ ମୋତେ ଅପ୍ରାପ୍ତ ନୁହେଁ; ତଥାପି ମୁଁ କର୍ମରେ ହିଁ ଲାଗିରହିଛି ||୩-୨୨||

O Arjuna, there is nothing in the three worlds (earth, heaven, and the upper regions) that should be done by Me, nor there is anything unobtained that I should obtain, yet I engage in action. (3.22)

## ଯଦି ହ୍ୟହଂ ନ ବର୍ତେୟଂ ଜାତୁ କର୍ମଣ୍ୟତଂଦ୍ରିତଃ .

## ମମ ବର୍ତ୍ମାନୁବର୍ତଂତେ ମନୁଷ୍ୟାଃ ପାର୍ଥ ସର୍ବଶଃ .. ୩-୨୩..

କାରଣ, ହେ ପାର୍ଥ! ଯଦି କଦାଚିତ୍ ମୁଁ ସାବଧାନ୍ ହୋଇ କର୍ମରେ ଲାଗି ନ ରହେ, ତେବେ ବଡ କ୍ଷତି ହୋଇଯିବ; କାରଣ ମନୁଷ୍ୟମାନେ ସବୁ ଦିଗରୁ ମୋରି ମାର୍ଗ ଅନୁସରଣ କରନ୍ତି ||୩-୨୩||

Because, if I do not engage in action relentlessly, O Arjuna, people would follow My path in every way. (3.23)

## ଉତ୍ସୀଦେୟୁରିମେ ଲୋକା ନ କୁର୍ୟାଂ କର୍ମ ଚେଦହମ୍ .

## ସଂକରସ୍ୟ ଚ କର୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ .. ୩-୨୪..

ତେଣୁ ଯଦି ମୁଁ କର୍ମ ନ କରିବି, ତେବେ ଏ ସମସ୍ତ ମନୁଷ୍ୟ ନଷ୍ଟଭ୍ରଷ୍ଟ ହୋଇଯିବେ ଏବଂ ମୁଁ ସଙ୍କରତାର କର୍ତ୍ତା ହୋଇଯିବି, ତଥା ଏହି ସମସ୍ତ ପ୍ରଜାଙ୍କୁ ନଷ୍ଟ କରିବାର କାରଣ ହୋଇଯିବି | ||୩-୨୪||

These worlds would perish if I do not work, and I shall be the cause of confusion and destruction of all these people. (3.24)

## ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବଂତି ଭାରତ .

## କୁର୍ୟାଦ୍ୱିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ .. ୩-୨୫..

ହେ ଭାରତ! କର୍ମରେ ଆସକ୍ତ ହୋଇଥିବା ଅଜ୍ଞାନୀମାନେ ଯେଉଁପରି କର୍ମ କରନ୍ତି, ଆସକ୍ତିରହିତ ବିଦ୍ୱାନ୍ ମଧ୍ୟ ଲୋକକଲ୍ୟାଣ କରିବାକୁ ଇଚ୍ଛୁକ ହୋଇ ସେହିପରି କର୍ମ କରିବା ଉଚିତ | ||୩-୨୫||

As the ignorant work, O Arjuna, with attachment (to the fruits of work), so the wise should work without attachment, for the welfare of the society. (3.25)

## ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଂଗିନାମ୍ .

## ଜୋଷୟେତ୍ସର୍ବକର୍ମାଣି ବିଦ୍ୱାନ୍ୟୁକ୍ତଃ ସମାଚରନ୍ .. ୩-୨୬..

ପରମାତ୍ମାଙ୍କ ସ୍ୱରୂପରେ ଅଟଳଭାବରେ ସ୍ଥିତ ଜ୍ଞାନୀ ପୁରୁଷ ଶାସ୍ତ୍ରବିହିତ କର୍ମରେ ଆସକ୍ତିଯୁକ୍ତ ଅଜ୍ଞାନୀମାନଙ୍କ ବୁଦ୍ଧିରେ ଭ୍ରମ ଅର୍ଥାତ୍ କର୍ମରେ ଅଶ୍ରଦ୍ଧା ଉତ୍ପନ୍ନ କରାଇବା ଉଚିତ ନୁହେଁ; ବରଂ ସ୍ୱୟଂ ଶାସ୍ତ୍ରବିହିତ ସମସ୍ତ କର୍ମ ଭଲଭାବରେ ଆଚରଣ କରି ସେମାନଙ୍କ ଦ୍ୱାରା ମଧ୍ୟ ସେହିପରି ଆଚରଣ କରାଇବା ଉଚିତ ||୩-୨୬||

The wise should not unsettle the mind of the ignorant who is attached to the fruits of work, but the enlightened one should inspire others by performing all works efficiently without attachment. (See also 3.29) (3.26)

## ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ .

## ଅହଂକାରବିମୂଢାତ୍ମା କର୍ତାହମିତି ମନ୍ୟତେ .. ୩-୨୭..

ବସ୍ତୁତଃ ସମସ୍ତ କର୍ମ ସବୁପ୍ରକାରେ ପ୍ରକୃତିର ଗୁଣମାନଙ୍କ ଦ୍ୱାରା କରାଯାଉଥାଏ; ତଥାପି ଯାହାର ଅନ୍ତଃକରଣ ଅହଙ୍କାରଦ୍ୱାରା ମୋହିତ ହୋଇ ରହିଥାଏ, ସେହି ଅଜ୍ଞାନୀ 'ମୁଁ ହିଁ କର୍ତ୍ତା ଅଟେ ' ବୋଲି ମନେ କରେ ||୩-୨୭|| All works are being done by the Gunas (or the energy and power) of nature, but due to delusion of ego people assume themselves to be the doer. (See also 5.09, 13.29, and 14.19) (3.27)

## ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ .

## ଗୁଣା ଗୁଣେଷୁ ବର୍ତଂତ ଇତି ମତ୍ୱା ନ ସଜ୍ଜତେ .. ୩-୨୮..

କିନ୍ତୁ ହେ ମହାବାହୁ! ଗୁଣବିଭାଗ ଓ କର୍ମବିଭାଗର ତତ୍ତ୍ୱ ଜାଣିଥିବା ଜ୍ଞାନଯୋଗୀ ଗୁଣମାନେ ହିଁ ଗୁଣମାନଙ୍କରେ ପ୍ରବୃତ୍ତ ହୁଅନ୍ତି ବୋଲି ବୁଝି ସେଥିରେ ଆସକ୍ତ ହୁଅନ୍ତି ନାହିଁ ||୩-୨୮|| The one who knows the truth, O Arjuna, about the role of Guna and action does not get attached to the work, knowing that it is the Gunas that work with their instruments, the organs. (3.28)

## ପ୍ରକୃତେର୍ଗୁଣସମ୍ମୂଢାଃ ସଜ୍ଜଂତେ ଗୁଣକର୍ମସୁ .

## ତାନକୃତ୍ସ୍ନବିଦୋ ମଂଦାଂକୃତ୍ସ୍ନବିନ୍ନ ବିଚାଲୟେତ୍ .. ୩-୨୯..

ପ୍ରକୃତିର ଗୁଣମାନଙ୍କ ଦ୍ୱାରା ଅତ୍ୟନ୍ତ ମୋହିତ ହୋଇଥିବା ମନୁଷ୍ୟମାନେ ଗୁଣମାନଙ୍କରେ ଓ କର୍ମମାନଙ୍କରେ ଆସକ୍ତ ରହନ୍ତି; ପୂର୍ଣ୍ଣଭାବରେ ବୁଝି ନ ଥିବା ସେହି ମନ୍ଦବୁଦ୍ଧି ଅଜ୍ଞାନୀମାନଙ୍କୁ ପୂର୍ଣ୍ଣଭାବରେ ଜାଣିଥିବା ଜ୍ଞାନୀ ବିଚଳିତ କରିବା ଉଚିତ ନୁହେଁ ||୩-୨୯|| Those who are deluded by the Gunas of nature get attached to the works of the Gunas. The wise should not disturb the mind of the ignorant whose knowledge is imperfect. (See also 3.26) (3.29)

## ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା .

## ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ .. ୩-୩୦..

ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କ ଠାରେ ଲାଗିରହିଥିବା ଚିତ୍ତଦ୍ୱାରା ସମସ୍ତ କର୍ମକୁ ମୋଠାରେ ଅର୍ପଣ କରି ଆଶାରହିତ, ମମତାରହିତ ଓ ସନ୍ତାପରହିତ ହୋଇ ଯୁଦ୍ଧ କର ||୩-୩୦||

Dedicating all works to Me in a spiritual frame of mind, free from desire, attachment, and mental grief, do your duty. (3.30)

## ୟେ ମେ ମତମିଦଂ ନିତ୍ୟମନୁତିଷ୍ଠଂତି ମାନବାଃ .

## ଶ୍ରଦ୍ଧାବଂତୋଽନସୂୟଂତୋ ମୁଚ୍ୟଂତେ ତେଽପି କର୍ମଭିଃ .. ୩-୩୧..

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରୁ ରହିତ ହୋଇ ଏବଂ ଶ୍ରଦ୍ଧାଯୁକ୍ତ ହୋଇ ମୋର ଏହି ମତକୁ ସଦାସର୍ବଦା ଅନୁସରଣ କରନ୍ତି,ସେମାନେ ମଧ୍ୟ ସମସ୍ତ କର୍ମରୁ ମୁକ୍ତ ହୋଇଯାଆନ୍ତି ||୩-୩୧||

Those who always practice this teaching of Mine, with faith and free from cavil, are freed from the bondage of Karma. (3.31)

## ୟେ ତ୍ୱେତଦଭ୍ୟସୂୟଂତୋ ନାନୁତିଷ୍ଠଂତି ମେ ମତମ୍ .

## ସର୍ୱଜ୍ଞାନବିମୂଢାଂସ୍ତାନ୍ୱିଦ୍ଧି ନଷ୍ଟାନଚେତସଃ .. ୩-୩୨..

କିନ୍ତୁ ଯେଉଁ ମନୁଷ୍ୟମାନେ ମୋଠାରେ ଦୋଷାରୋପଣ କରି ମୋର ଏହି ମତ ଅନୁସାରେ ଚଳନ୍ତି ନାହିଁ, ସେହି ମୂର୍ଖମାନଙ୍କୁ ତୁମେ ସମସ୍ତ ଜ୍ଞାନରେ ମୂଢ ବୋଲି ଓ ନଷ୍ଟ ହୋଇଯାଇଛନ୍ତି ବୋଲି ଜାଣ ||୩-୩୨||

But, those who carp at My teaching and do not practice it, consider them as ignorant of all knowledge, senseless, and lost. (3.32)

## ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି .

## ପ୍ରକୃତିଂ ୟାଂତି ଭୂତାନି ନିଗ୍ରହଃ କିଂ କରିଷ୍ୟତି .. ୩-୩୩..

ସମସ୍ତ ପ୍ରାଣୀ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ନିଜ ସ୍ୱଭାବର ପରବଶ ହୋଇ କର୍ମ କରନ୍ତି | ଜ୍ଞାନବାନ୍ ବ୍ୟକ୍ତି ମଧ୍ୟ ନିଜ ପ୍ରକୃତି ଅନୁସାରେ ଚେଷ୍ଟା କରନ୍ତି | ତେଣୁ ଏଥିରେ କାହାର ଜିଦ୍ ବା କଣ କରିବ? ||୩-୩୩||

All beings follow their nature. Even the wise act according to their own nature. What, then, is the value of sense restraint? (3.33)

## ଇଂଦ୍ରିୟସ୍ୟେଂଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ .

## ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପଂଥିନୌ .. ୩-୩୪..

ଇନ୍ଦ୍ରିୟ-ଇନ୍ଦ୍ରିୟର ଅର୍ଥରେ ଅର୍ଥାତ୍ ପ୍ରତ୍ୟେକ ଇନ୍ଦ୍ରିୟର ବିଷୟରେ ରାଗ ଓ ଦ୍ୱେଷ ଲୁଚି ରହିଛି | ମନୁଷ୍ୟ ସେହି ଦୁଇଟିର ବଶବର୍ତ୍ତୀ ହେବା ଉଚିତ ନୁହେଁ; କାରଣ ସେ ଦୁହେଁ ତା'ର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟି କରୁଥିବା ମହାନ୍ ଶତ୍ରୁ ଅଟନ୍ତି ||୩-୩୪||

Raaga and Dwesha (or the attachments and aversions) for the sense objects remain in the senses. One should not come under the control of these two, because they are two stumbling blocks, indeed, on one's path of Self-realization. (3.34)

## ଶ୍ରେୟାନ୍ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ .

## ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ .. ୩-୩୫..

ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା ଅନ୍ୟର ଧର୍ମଠାରୁ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକର | ନିଜ ଧର୍ମରେ ମରିବା ବରଂ କଲ୍ୟାଣକାରକ; କିନ୍ତୁ ଅନ୍ୟର ଧର୍ମ ଭୟାବହ ଅଟେ ||୩-୩୫||

One's inferior natural work is better than superior unnatural work. Death in carrying out one's natural work is useful. Unnatural work produces too much stress. (See also 18.47) (3.35)

ଅର୍ଜୁନ ଉବାଚ .

ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ .

ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ .. ୩-୩୬..

ଅର୍ଜୁନ ପଚାରିଲେ -- ହେ କୃଷ୍ଣ! ପୁଣି ଏହି ମନୁଷ୍ୟ ସ୍ୱୟଂ ଇଛା ନ କଲେ ମଧ୍ୟ ବଳପୂର୍ବକ ନିୟୋଜିତ ହେଲାପରି କାହା ଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ? ||୩-୩୬||

Arjuna said: O Krishna, what impels one to commit sin as if unwillingly and forced against one's will? (3.36)

ଶ୍ରୀଭଗବାନୁବାଚ .

କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ .

ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ .. ୩-୩୭..

ଶ୍ରୀଭଗବାନ୍ କହିଲେ -- ରଜୋଗୁଣରୁ ଉତ୍ପନ୍ନ ଏହି କାମ ହିଁ କ୍ରୋଧ ଅଟେ; ଏହି କାମ ବଡ ଭୋଜନିଆ ଅର୍ଥାତ୍ ଭୋଗରେ କେବେ ହେଲେ ତୃପ୍ତ ହୁଏ ନାହିଁ ଓ ସେ ବଡ ପାପୀ ଅଟେ | ଏହି ବିଷୟରେ ଏହାକୁ ହିଁ ତୁମେ ଶତ୍ରୁ ବୋଲି ଜାଣ ||୩-୩୭||

The Supreme Lord said: It is Kaama and anger born of Rajo Guna. Kaama is insatiable and is a great devil. Know this as the enemy. (3.37)

ଧୂମେନାବ୍ରିୟତେ ବହ୍ନିର୍ୟଥାଦର୍ଶୋ ମଲେନ ଚ .

ୟଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ .. ୩-୩୮..

ଯେପରି ଧୂଆଁଦ୍ୱାରା ଅଗ୍ନି ଆବୃତ ହୋଇଥାଏ, ଧୂଳିଦ୍ୱାରା ଦର୍ପଣ ଆବୃତ ହୋଇଥାଏ ତଥା ଜରାୟୁଦ୍ୱାର ଗର୍ଭ ଆବୃତ ହୋଇ ରହିଥାଏ, କାମଦ୍ୱାରା ଏହି ଜ୍ଞାନ ସେହିପରି ଆବୃତ ହୋଇ ରହିଥାଏ ||୩-୩୮||

Kaama, the passionate desire for all sensual and material pleasures, becomes anger if it is unfulfilled. As the fire is covered by smoke, as a mirror by dust, and as an embryo by the amnion, similarly the Self-knowledge gets obscured by Kaama. (3.38)

ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା .

କାମରୂପେଣ କୌଂତେୟ ଦୁଷ୍ପୂରେଣାନଲେନ ଚ .. ୩-୩୯..

ଏବଂ ହେ ଅର୍ଜୁନ! ଅଗ୍ନିପରି କେବେ ତୃପ୍ତ ହେଉ ନ ଥିବା ଏହି କାମରୂପକ ଜ୍ଞାନୀମାନଙ୍କର ନିତ୍ୟଶତ୍ରୁଦ୍ୱାରା ମନୁଷ୍ୟର ଜ୍ଞାନ ଆବୃତ ହୋଇ ରହିଅଛି ||୩-୩୯||

O Arjuna, Jnana gets covered by this insatiable fire of Kaama, the eternal enemy of Jnani. (3.39)

## ଇଂଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ .

## ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ .. ୩-୪୦..

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି -- ଏସବୁକୁ କାମର ବାସସ୍ଥାନ ବୋଲି କୁହାଯାଏ | ଏହି କାମ ଏମାନଙ୍କ ଦ୍ୱାରା ଅର୍ଥାତ୍ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରେ ||୩-୪୦||

The senses, the mind, and the intellect are said to be the seat of Kaama. Kaama, with the help of the senses, deludes a person by veiling Jnana. (3.40)

## ତସ୍ମାତ୍ତ୍ୱମିଂଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ .

## ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ .. ୩-୪୧..

ତେଣୁ ହେ ଭରତବଂଶର ଶ୍ରେଷ୍ଠ ଅର୍ଜୁନ! ତୁମେ ପ୍ରଥମେ ଇନ୍ଦ୍ରିୟମାନଙ୍କୁ ବଶ କରି ଜ୍ଞାନ ଓ ବିଜ୍ଞାନକୁ ନାଶ କରୁଥିବା ଏହି ମହାପାପୀ କାମକୁ ଅବଶ୍ୟ ବଳପୂର୍ବକ ମାରିଦିଅ ||୩-୪୧||

Therefore, O Arjuna, by controlling the senses kill this devil (of material desire) that destroys knowledge and discrimination. (3.41)

## ଇଂଦ୍ରିୟାଣି ପରାଣ୍ୟାହୁରିଂଦ୍ରିୟେଭ୍ୟଃ ପରଂ ମନଃ .

## ମନସସ୍ତୁ ପରା ବୁଦ୍ଧିର୍ୟୋ ବୁଦ୍ଧେଃ ପରତସ୍ତୁ ସଃ .. ୩-୪୨..

ଇନ୍ଦ୍ରିୟମାନଙ୍କୁ ସ୍ଥୂଳଶରୀର ଅପେକ୍ଷା ଶ୍ରେଷ୍ଠ, ବଳବାନ୍ ଓ ସୂକ୍ଷ୍ମ ବୋଲି କହନ୍ତି; ଇନ୍ଦ୍ରିୟମାନଙ୍କ ଠାରୁ ମନ ଶ୍ରେଷ୍ଠ; ମନଠାରୁ ବୁଦ୍ଧି ଶ୍ରେଷ୍ଠ ଓ ଯାହା ବୁଦ୍ଧିଠାରୁ ଅତ୍ୟନ୍ତ ଶ୍ରେଷ୍ଠ, ତାହା ହେଉଛି ଆତ୍ମା ||୩-୪୨||

The senses are said to be superior (to matter or the body), the mind is superior to the senses, the intellect is superior to the mind, and Atma is superior to the intellect. (3.42)

## ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା .

## ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ .. ୩-୪୩..

ଏପରିଭାବରେ ଆତ୍ମାକୁ ବୁଦ୍ଧିଠାରୁ ମହତ୍ ଅର୍ଥାତ୍ ସୂକ୍ଷ୍ମ, ବଳବାନ୍ ଓ ଅତ୍ୟନ୍ତ ଶ୍ରେଷ୍ଠ ବୋଲି ଜାଣି ଏବଂ ବୁଦ୍ଧିଦ୍ୱାରା ମନକୁ ବଶ କରି, ହେ ମହାବାହୁ! ତୁମେ ଏହି କାମରୂପୀ ଦୁର୍ଜୟ ଶତ୍ରୁକୁ ମାରିଦିଅ ||୩-୪୩||

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ
## ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
## କର୍ମୟୋଗୋ ନାମ ତୃତୀୟୋଽଧ୍ୟାୟଃ .. ୩..

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabadgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO** odiaorg@gmail.com